**ଉପଜିଲାପାଳଙ୍କ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ**

ବୁଗୁଡ଼ା,(ଡି.ଏନ.ଏ.): ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ସୋମବାର ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଗସ୍ତ କରି ପରିଦର୍ଶନ କରିଛନ୍ତି। ଉପଜିଲାପାଳ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ସେଠାରେ ୫-ଟି ମାଧ୍ୟମରେ ଚାଲିଥିବା ସ୍କୁଲର ରୂପାନ୍ତରିକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସ୍କୁଲରେ ସ୍ମାର୍ଟ କ୍ଲାସ୍ ନିର୍ମାଣ ପାଇଁ ଚାଲିଥିବା କାର୍ଯ୍ୟର ସେ ତଦାରଖ କରିବା ସହ ଏହାର ଅଗ୍ରଗତି କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ସ୍କୁଲର ଅଧ୍ୟକ୍ଷ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ପଣ୍ଡା ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୪ ଗୁରୁତର

**ଜି.ଉଦୟଗିରି, ୫।୧୦(ଡି.ଏନ.ଏ.):** ଜି.ଉଦୟଗିରି ନିକଟସ୍ଥ ପୁକୁଲିଙ୍ଗିଆ ଗ୍ରାମର ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୁକୁଲିଙ୍ଗିଆ ଗ୍ରାମର ସତିସ ମଲ୍ଲିକ, ଅଜିତ ନାୟକ, ପ୍ରିୟଙ୍କା ନାୟକ, ରଶ୍ମି ମଲ୍ଲିକ। ଆହତମାନେ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ ପାଇଁ ଯାଇଥିଲେ। ସେଠାରେ କୌଣସି କାରଣରୁ ସମସ୍ତଙ୍କୁ ମହୁମାଛି ଆକ୍ରମଣ କରିଥିଲା। ଖବର ପାଇ ଗ୍ରାମବାସୀ ଆହତମାନଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ୭ରେ ମହିଳା ବକ୍ସର ଚୟନ ଶିବିର

**ବ୍ରହ୍ମପୁର ଅଫିସ,୫।୧୦:** ଅକ୍ଟୋବର ୧୦ରେ ରାଜ୍ୟ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ପୂର୍ବର ଆସନ୍ତା ୭ରେ ମହିଳା ବକ୍ସର ଚୟନ ଶିବିର ବ୍ରହ୍ମପୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ୧୯୮୧ ରୁ ଡିସେମ୍ବର ୨୦୦୨ ବୟସ ସୀମା ମଧ୍ୟରେ ଥିବା ଇଚ୍ଛୁକ ମହିଳା ପ୍ରତିଯୋଗୀମାନେ ଏହି ଚୟନ ଶିବିରରେ ଭାଗନେଇ ପାରିବେ। ଏଥିନିମନ୍ତେ ପ୍ରତିଯୋଗୀ ନିଜ ଜନ୍ମଗତ ପ୍ରମାଣପତ୍ର, ମେଡିକାଲ ସାର୍ଟିଫିକେଟ ଏବଂ ଆଧାର କାର୍ଡ ସହ ୭ ତାରିଖ ସକାଳ ୬ଟାରେ ବ୍ରହ୍ମପୁର ଷ୍ଟାଡିୟମରେ ଗଞ୍ଜାମ ଜିଲା ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ ଓ କୋଚ ଶିଶିର ପାଣିଗ୍ରାହୀଙ୍କ ସହ ସାକ୍ଷାତ କରି ନାମ ପଞ୍ଜୀକରଣ କରିପାରିବେ। ଏହି ଚୟନ ଶିବିରରେ ମନୋନୀତ ମହିଳା ବକ୍ସରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନେଇ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି।

### କୂଅରୁ ବୃଦ୍ଧାଙ୍କ ମୃତଦେହ ଜବତ

**ବେଗୁନିଆପଡ଼ା,୫।୧୦(ଡି.ଏନ୍.ଏ.):** ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ବଡ ଖାଇରଖାମା ଗ୍ରାମ କୂଅରୁ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସେହି ଗ୍ରାମର ଜମ୍ବୁ ଦାସ(୭୦)। ବୃଦ୍ଧାଙ୍କ ମୃତଦେହ କୂଅରେ ପଡ଼ିଥିବା ଖବର ପାଇ କୋଦଳା ଅଗ୍ନିଶମ ବାହିନୀ ପହଞ୍ଚି ବାହାର କରିଥିଲା। ବେଗୁନିଆପଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜମ୍ବୁ କୌଣସି କାରଣରୁ କୂଅରେ ଖସି ପଡିଥିବା ଅନୁମାନ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବେଗୁନିଆପଡା ଫାଣ୍ଡି ଅଧିକାରୀ ସଂଗ୍ରାମ ଦେଉରୀ ସୂଚନା ଦେଇଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

**ଗୋପାଳପୁର,୫।୧୦(ଡି.ଏନ.ଏ.):** ଗୋଳନ୍ଥରା ଥାନା ପୋଲିସ ସୋମବାର ମଧ୍ୟରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧,୮୦୦ ଟଙ୍କା ଓ ତାସ ମୁଠା ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ମାଟିଆ ମଦନମୋହନପୁର ଗ୍ରାମ ଶେଷ ଭାଗରେ ଏକ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ଗୋଳନ୍ଥରା ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ କିଛି ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ୪ ଜଣଙ୍କୁ ଧାରାପଡ଼ିଥିଲେ। ଏ ନେଇ ନଂ. ୨୭୮/୨୧ରେ ମାମଲା ରୁଜୁ ହୋଇଛି।

### ଆଜାଦୀ କା ଅମୃତ ମହୋତ୍ସବ

**ପୁରୁଷୋତ୍ତମପୁର,୫।୧୦(ଡି.ଏନ.ଏ.):** ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନ ସେବା କମିଟି ପକ୍ଷରୁ ମଙ୍ଗଳବାର ତାରାତାରିଣୀଠାରେ ଆଜାଦୀ କା ଅମୃତ ମହୋତ୍ସବ ବିଚାରପତି ଦିଲ୍ଲୀପ କୁମାର ବାରିକଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏଥିରେ ଓକିଲ ସଂଘ ସଭାପତି କେଦାରନାଥ ପଟ୍ଟନାୟକ, ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ପ୍ରଭାତ କୁମାର ପଟ୍ଟନାୟକ, ଅଶୋକ କୁମାର ମହାକୁଡ, ରାଇପୁର ପଞ୍ଚାୟତ ସମିତି ସଭ୍ୟ ଭବାନୀଶଙ୍କର ପଣ୍ଡା ଯୋଗଦେଇଥିବା ବେଳେ ଗ୍ରାମର ବହୁ ମହିଳା, ପୁରୁଷ ଯୋଗଦେଇ ଥିଲେ। ଏହାକୁ ଆଇନ ସେବା କମିଟିର ସମ୍ପାଦକ ଗଗନ କୁମାର ପାଣିଗ୍ରାହୀ, ପ୍ରସନ୍ନ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବିସିସି ବ୍ୟାଙ୍କ: ୬୫,୯୩୪ ଚାଷୀଙ୍କୁ ଋଣ ଲଗାଣ

**ସେପ୍ଟେମ୍ବର ୩୦ ସୁଦ୍ଧା**
■ ଖରିଫ କୃଷି ଋଣ ଲଗାଣ ୨୩୬.୭୩ କୋଟି

**ବ୍ରହ୍ମପୁର ଅଫିସ,୫।୧୦**

୨୦୨୧ ବର୍ଷର ଖରିଫ ଧାନ ଫସଲ ପାଇଁ ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ଗଞ୍ଜାମ ଓ ଗଜପତି ଜିଲାର ଚାଷୀଙ୍କୁ ୨୩୬ କୋଟି ୭୩ ଲକ୍ଷ ୪୯ ହଜାର ଟଙ୍କା କୃଷି ଋଣ ଲଗାଣ କରିଛି। ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଋଣ ପ୍ରଦାନ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି। ସରକାର ଓ ରାଜ୍ୟ ସମବାୟ ବ୍ୟାଙ୍କ ୨୫୦ କୋଟି ଟାର୍ଗେଟ ଦେଇଥିବା ବେଳେ ବ୍ୟାଙ୍କ ଅଧିକ ୨୦ କୋଟି ଲଗାଣ କରିବାର ଲକ୍ଷ୍ୟ ରଖିଥିଲା। ତେବେ ସରକାରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ୧୪ କୋଟି କମ୍ ଲଗାଣ ହୋଇଛି। କରୋନା ମହାମାରୀ ଏବଂ ଅନାବୃଷ୍ଟିଜନିତ କାରଣରୁ ଲକ୍ଷ୍ୟଧାର୍ଯ୍ୟ ପୂରଣରେ ପ୍ରତିବନ୍ଧକ ହୋଇଥିବା କୁହାଯାଇଛି।

ଗଞ୍ଜାମ ଜିଲାର ଦିଗପହଣ୍ଡି, ପାତ୍ରପୁର, ଚିକିଟି, ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ବିଜିପୁର, ସମରଝୋଳ, ହିଞ୍ଜିଳିକାଟୁ, ଛତ୍ରପୁର, ପୁରୁଷୋତ୍ତମପୁର, ରମ୍ଭା, ଖଲ୍ଲିକୋଟ ଓ ବେଗୁନିଆପଡ଼ାରେ ଥିବା ଏହି ୧୩ ଶାଖା ବ୍ୟାଙ୍କ ଅଧୀନ ୧୯୮ କୃଷି ସେବା ସମବାୟ ସମିତି (ସୋସାଇଟି) ମାଧ୍ୟମରେ ୫୬ ହଜାର ୪୪୫ ଚାଷୀଙ୍କୁ ୧୯୬ କୋଟି ୪୯ ଲକ୍ଷ ୮୯ ହଜାର ଟଙ୍କା ଋଣ ଦିଆଯାଇଛି। ସେହିପରି ଗଜପତି ଜିଲା କାଶୀନଗର, ପାରଳାଖେମୁଣ୍ଡି, ଗାରାବନ୍ଧ ଓ ଆର.ଉଦୟଗିରି ଶାଖା ବ୍ୟାଙ୍କ ମାଧ୍ୟମରେ ୪୮ ସୋସାଇଟି ଏବଂ ଲ୍ୟାମ୍ପସ ଦ୍ୱାରା ୯୪୮୯ ଚାଷୀ ସଭ୍ୟଙ୍କୁ ୪୦ କୋଟି ୨୩ ଲକ୍ଷ ୬୦ ହଜାର ଟଙ୍କା କୃଷି ଋଣ ଦିଆଯାଇଛି। ଦୁଇ ଜିଲାର ୬୫୯୩୪ ଚାଷୀଙ୍କୁ ୨୩୬.୭୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଲଗାଣ ହୋଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୦ ବର୍ଷରେ ଏହି ବୃହତ୍ତମ ସମବାୟ କେନ୍ଦ୍ର ବ୍ୟାଙ୍କ ପକ୍ଷରୁ ୨୫୫ କୋଟି ଟଙ୍କା ଖରିଫ ଧାନ ଚାଷ ନିମନ୍ତେ ଚାଷୀଙ୍କୁ ଋଣ ଦେବାର ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୨୨୦ କୋଟି ଦିଆଯାଇଥିଲା। ୨୦୨୧ ବର୍ଷରେ ଅଧିକ ୧୬ କୋଟି ଲଗାଣ ହୋଇଛି। ଶତାଧିକ ବର୍ଷର ଏହି ପୁରାତନ ବ୍ୟାଙ୍କ ଗଞ୍ଜାମ ଓ ଗଜପତି ଜିଲାରେ ୨୩ ଶାଖା ବ୍ୟାଙ୍କ ରହିଛି। ବର୍ଷ ବର୍ଷ ଧରି ବିଭିନ୍ନ ବର୍ଗର ୧୬୦ରୁ ଊର୍ଦ୍ଧ୍ୱ କର୍ମଚାରୀ ପଦ ଖାଲି ପଡ଼ିଛି। ତେଣୁ ବ୍ୟାଙ୍କରେ ଗ୍ରାହକ ସେବା କ୍ରମଶଃ ବାଧାପ୍ରାପ୍ତ ହେଉଛି। ଅପରପକ୍ଷରେ ୨୦୨୦ ମେ' ମାସରୁ ନିର୍ବାଚିତ ପରିଚାଳନା ବୋର୍ଡର କାର୍ଯ୍ୟକାଳ ସରିଛି। ୧୬ ମାସ ତଳୁ ପରିଚାଳନା ସରକାରଙ୍କ ନିୟନ୍ତ୍ରଣକୁ ଯାଇଛି। ଗଞ୍ଜାମ ଜିଲାପାଳଙ୍କୁ ବ୍ୟାଙ୍କର ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ସମବାୟ ନିର୍ବାଚନ କେବେ ହେବ ତାହା ମଧ୍ୟ ଅନିଶ୍ଚିତ ହୋଇଯାଇଛି।

# ବିଦ୍ୟୁତ୍ କାଟରୁ ନିସ୍ତାର ନାହିଁ, ପରୀକ୍ଷାର୍ଥୀ ହଇରାଣ


ଜଣେ ସରକାରୀ କର୍ମଚାରୀ ମୋବାଇଲ ଲାଇଟରେ କାମ କରୁଛନ୍ତି।

**ଭଞ୍ଜନଗର,୫।୧୦(ଡି.ଏନ୍.ଏ.)**

ଭଞ୍ଜନଗର ଅଞ୍ଚଳରେ ଦୈନନ୍ଦିନ ବିଦ୍ୟୁତ କାଟ ହେଉଛି। ବର୍ତ୍ତମାନ ୨ ପରୀକ୍ଷା ଅଫଲାଇନରେ ଚାଲିଛି। ଏଥିସହ ଯୁକ୍ତ ୩ ପ୍ରଥମ ମିଡ ସେମିଷ୍ଟାର୍ ପରୀକ୍ଷା ଭଞ୍ଜନଗର କେଏସୟୁବି କଲେଜରେ ଚାଲିଛି। ଛାତ୍ରୀଛାତ୍ରମାନେ ପାଠପଢା ବେଳେ ପାୱାର କଟ ହେଉଛି। ଯଦ୍ଦ୍ୱାରା ସେମାନଙ୍କ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ପୂର୍ବେ ଭଞ୍ଜନଗର ବାର ଆସୋସିଏଶନ କର୍ମକର୍ତ୍ତା ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଭେଟି ପାୱାରକଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ତଥାପି ବିଦ୍ୟୁତ ବିଭାଗ ମରାମତି ବାହାନାରେ ଘଣ୍ଟା ଘଣ୍ଟା ପାୱାର କଟ କରୁଛି। ମଙ୍ଗବାର ସକାଳ ୮ ଟାରୁ ଦିବା ୧ଟା ପର୍ଯ୍ୟନ୍ତ ପାୱାରକଟ ହେବ ବୋଲି ଘୋଷଣା କରାଯାଇଥିଲା। ହେଲେ ବିଳମ୍ବରେ ଅପରାହ୍ନ ୨ଟା ପରେ ବିଦ୍ୟୁତ୍ ଆସିଥିଲା। ବୁଧବାର ମଧ୍ୟ ଏହି ସମୟରେ ପାୱାରକଟ ହେବ ବୋଲି ବିଭାଗ ପକ୍ଷରୁ ସୋସିଆଲ ମିଡ଼ିଆରେ ସୂଚନା ଦିଆଯାଇଛି। ବିଦ୍ୟୁତ୍ ବିଭାଗର ଏହିଭଳି ଖାମଖିଆଲ ନୀତି ଯୋଗୁ ଅନ୍ୟାନ୍ୟ ବିଭାଗରେ ମଧ୍ୟ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ହାତୀ ସୁରକ୍ଷା ପାଇଁ ଗ୍ରାମାଞ୍ଚଳରେ ବେଳେବେଳେ ରାତିତମାମ ବିଦ୍ୟୁତ କାଟ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଦ୍ୟୁତ ବିଭାଗର ଜଣେ ଅଧିକାରୀ କହିଛନ୍ତି, ମରାମତି ପାଇଁ ବିଦ୍ୟୁତ କାଟ ହେଉଛି।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର


ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ।

■ କର୍ମଚାରୀଙ୍କୁ ୧୧% ମହଙ୍ଗା ଭତ୍ତା
■ ପେନ୍‌ସନଧାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ଦାବି

**ବ୍ରହ୍ମପୁର ଅଫିସ,୫।୧୦**

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କର୍ମଚାରୀଙ୍କୁ ୧୧% ମହଙ୍ଗା ଭତ୍ତା ଓ ପେନ୍‌ସନଧାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ଦାବିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କୁ ୨୦୨୦ ଜାନୁୟାରୀ ଓ ଜୁଲାଇ ଏବଂ ୨୦୨୧ ଜାନୁୟାରୀର ମହଙ୍ଗା ଭତ୍ତା ପ୍ରଦାନ କରି ନ ଥିଲେ। ବର୍ତ୍ତମାନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପେଟ୍ରୋଲ ଓ ଡିଜେଲ୍ ଦର ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥଳେ କେନ୍ଦ୍ର ସରକାର କର୍ମଚାରୀ ଓ ପେନ୍‌ସନଧାରୀଙ୍କୁ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତି ଭଲ ଥିବା ଦର୍ଶାଇ ଏଥିପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ସଂଘ ଅଭିଯୋଗ କରିଛି। ରାଜ୍ୟ ସରକାର କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଓ ପେନ୍‌ସନଧାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର କେବଳ ଯୋଜନା ଉପରେ ଯୋଜନା କରି ଚାଲିଥିବା ବେଳେ କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ରାଜ୍ୟ ସରକାର ମହଙ୍ଗା ଭତ୍ତା ଓ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ଯୁଗ୍ମ ସମ୍ପାଦକ ବିଶ୍ୱନାଥ ବେହେରା, ସଂଯୋଜକ ସୀମାଞ୍ଚଳ ପତିଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଲୁଟେରା ଗିରଫ, ଚୋରି ସାମଗ୍ରୀ ଉଦ୍ଧାର

**ବ୍ରହ୍ମପୁର ଅଫିସ,୫।୧୦**

ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଧାନମେରା ସାହିର ରଞ୍ଜନ ଦାଶ (୩୩)। ସେ ଜଣେ ପେସାଦାର ଅପରାଧୀ ବୋଲି ପୋଲିସ କହିଛି। ମାମଲା ନମ୍ବର ୨୦୪/୨୧ରେ ରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୨ ତାରିଖ ରାତି ପ୍ରାୟ ସାଢେ ୮ଟାରେ ଜଣେ ଫେରିବାଲା ଜିତେନ୍ଦ୍ର ମହାପାତ୍ର ହନୁମାନ ବଜାର ରାସ୍ତା କଡ଼ରେ ଚୁଡ଼ି ବିକ୍ରି କରୁଥିଲେ। ରଞ୍ଜନ ସେଠାରେ ପହଞ୍ଚି ଚୁଡ଼ିବାଲାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏପରିକି ଫେରିବାଲାଙ୍କୁ ଆକ୍ରମଣ କରି ତାଙ୍କର ମୋବାଇଲ ଓ ସେ ବିକ୍ରି ପାଇଁ ଆଣିଥିବା ପ୍ରାୟ ୨୫ହଜାର ଟଙ୍କାର ଚୁଡ଼ି ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ଅନୁସନ୍ଧାନ କରିବା ସହ ମୋବାଇଲ ଟ୍ରାକିଂ ଜରିଆରେ ରଞ୍ଜନଙ୍କୁ କାବୁ କରିଥିଲା। ଲୁଟେରାଙ୍କ ନିକଟରୁ ସମସ୍ତ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ପରେ ପୋଲିସ ଜବତ ଚୁଡ଼ି ଓ ମୋବାଇଲ ସାମଗ୍ରୀଗୁଡିକୁ ଜିତେନ୍ଦ୍ର ମହାପାତ୍ରଙ୍କୁ ହସ୍ତାନ୍ତର କରିଥିବା କହିଛି।

# ୭ ଡେଙ୍ଗୁ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ,୫।୧୦**

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଣିଥରେ ମଙ୍ଗଳବାର ୭ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୧୨୫ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଫାଷ୍ଟଗେଟର ୨୫ ବର୍ଷୀୟ ମହିଳାଙ୍କୁ ଜ୍ୱର ଲାଗି ରହିଥିବା ବେଳେ କିଛିଦିନ ତଳେ ବିଶାଖାପାଟଣାରୁ ଫେରିଥିଲେ। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ପଜିଟିଭ ଆସିଥିଲା। ସେହିପରି ଗୋଷାଣୀନୂଆଗାଁ ଅଞ୍ଚଳର ୩୫ବର୍ଷର ଜଣେ ମହିଳା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଭୁବନେଶ୍ୱରରୁ ଫେରିଥିବା ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ଼ର ୫୦ବର୍ଷର ଜଣେ ମହିଳାଙ୍କ ରିପୋର୍ଟରେ ଡେଙ୍ଗୁ ପଜିଟିଭ ଆସିଛି। ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଛାବାଡ଼ିର ୨୦ ବର୍ଷର ଜଣେ ଯୁବକଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ସେହିପରି ନିକଟରେ ପାରଳାଖେମୁଣ୍ଡିରୁ ଫେରିଥିବା ପାତ୍ରପୁର ବ୍ଲକ ତୁମ୍ବାର ୩୦ବର୍ଷର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶରୁ ଫେରିଥିବା ସାନଖେମୁଣ୍ଡି ବ୍ଲକ କୁଲାଡ଼ି ଗ୍ରାମର ୨୫ ବର୍ଷର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଚିକିଟି ବ୍ଲକ କେ.ସୁବାନିର ୬୫ ବର୍ଷର ଜଣେ ବୃଦ୍ଧାଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ଆକ୍ରାନ୍ତମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି। ସେହିପରି ବ୍ରହ୍ମପୁର ମହାନଗର ନିଗମ ସମେତ ଜିଲାରେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ୧୮ ବ୍ଲକରେ ମଶାମରା ତେଲ ସିଞ୍ଚନ କରାଯାଉଥିବା ବେଳେ ମଶାମରା ଧୂଆଁ ସ୍ପ୍ରେ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଡିଏମ୍‌ଓ ଡା. ମିଶ୍ର କହିଛନ୍ତି।

# ୪ କେଜି ସୁନା ଜବତ, ୩୦ଲକ୍ଷ ଜରିମାନା ଆଦାୟ

**ସିଟି ଆଣ୍ଡ ଜିଏସ୍‌ଟି ବିଭାଗର ଚଢ଼ାଉ ଘଟଣା**

**ବ୍ରହ୍ମପୁର ଅଫିସ,୫।୧୦**

ଜିଏସ୍‌ଟି ଫାଙ୍କି ସୁନା ଗହଣା ବିକ୍ରି କରୁଥିବା ଅଭିଯୋଗ ହେବା ପରେ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ରାଜ୍ୟର ୧୭ସ୍ଥାନରେ ଚଢ଼ାଉ ହୋଇଥିଲା। ଏହି ଧାରାରେ ବ୍ରହ୍ମପୁର ସିଟି ଆଣ୍ଡ ଜିଏସଟି ଟିମ୍ ସାନବଜାରରେ ଶିବାନୀ ଜୁଏଲେରିରେ ଚଢ଼ାଉ କରିଥିଲା। ଦୋକାନରେ ମହଜୁଦ ଥିବା ସୁନା ମଧ୍ୟରୁ ୪ କେଜି ଓଜନର ସୁନା ଗହଣାର କୌଣସି କାଗଜପତ୍ର ବ୍ୟବସାୟୀ ଜଣଙ୍କ ସିଟି ଅଫିସରଙ୍କୁ ଦେଖାଇପାରି ନ ଥିଲେ। ଫଳରେ ଗହଣା ଜବତ କରାଯାଇଥିଲା। ହିସାବ ପରେ ୩୦ଲକ୍ଷ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାପରେ ଜବତ ଗହଣା ବ୍ୟବସାୟୀଙ୍କୁ ଫେରସ୍ତ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ବଡ଼ବଜାର ଥାନା ଅନ୍ତର୍ଗତ ସାନବଜାରରେ ଥିବା ଉକ୍ତ ଜୁଏଲେରି ମାଲିକ ସୁନା ଗଚ୍ଛିତ ରଖିଥିବା ନେଇ ସୂଚନା ମିଳିଥିଲା। ଏଣୁ ସିଟି ଆଣ୍ଡ ଜିଏସ୍‌ଟି ବ୍ରହ୍ମପୁର ୟୁନିଟ ଡେପୁଟି କମିଶନର ଦେବକଲ୍ୟାଣ ବେହେରାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ ଶିବାନୀ ଜୁଏଲେରିରେ ଚଢ଼ାଉ କରିଥିଲେ। ଯାଞ୍ଚ ପରେ ୪ କେଜି ସୁନା ଅଳଙ୍କାର ଜବତ ହୋଇଥିଲା। ମାଲିକ ଜବତ ସୁନାର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଟ୍ୟାକ୍ସ ଫାଙ୍କି ମୁମ୍ବାଇ, ତାମିଲନାଡୁରୁ ଏହି ଗହଣା ଅଣାଯାଇଥିବା ଜଣାପଡ଼ିଥିଲା। ଏଣୁ ତାହା ଜବତ କରାଯାଇଥିଲା। ଦୋକାନ ମାଲିକ ଟ୍ୟାକ୍ସ ଓ ଜରିମାନା ଟଙ୍କା ଜମା କରିବା ପରେ ଜବତ ସୁନା ମାଲିକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ସେହିପରି ଭୁବନେଶ୍ୱର ସିଟି ଆଣ୍ଡ ଜିଏସ୍‌ଟି ଟିମ୍ ଭୁବନେଶ୍ୱରରେ ଥିବା ତ୍ରିଜଲ ଏଣ୍ଟରପ୍ରାଇଜର୍ସ ଗହଣା ଦୋକାନରେ ଚଢ଼ଉ କରିଥିଲେ। ଜେରା ବେଳେ ସମ୍ପୃକ୍ତ ଦୋକାନ ମାଲିକଙ୍କ ଘର ବ୍ରହ୍ମପୁର ହୋଇଥିବା ବେଳେ ସେ ବ୍ରହ୍ମପୁର ଗାନ୍ଧୀନଗର ୫ମ ସାରଣୀରେ ମଧ୍ୟ ତ୍ରିଜଲ ଏଣ୍ଟରପ୍ରାଇଜର୍ସର ଏକ ଶାଖା ଖୋଲିଥିବା ଜଣାପଡିଥିଲା। କମିଶନରଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ସିଟି ଆଣ୍ଡ ଜିଏସ୍‌ଟି ଟିମ୍ ଉକ୍ତ ସୁନା ଦୋକାନରେ ଚଢଉ କରିଥିଲେ। ଉକ୍ତ ସୁନା ଦୋକାନରେ ଗଚ୍ଛିତ ଥିବା ୧୦କେଜି ସୁନା ଜବତ କରାଯାଇଛି ବୋଲି ବ୍ରହ୍ମପୁର ସିଟି ଆଣ୍ଡ ଜିଏସ୍‌ଟି ଡେପୁଟି କମିଶନର ବେହେରା ସୂଚନା ଦେଇଛନ୍ତି। ଏନେଇ ସେମାନେ ଭୁବନେଶ୍ୱର ସିଟି ଆଣ୍ଡ ଜିଏସ୍‌ଟିକୁ ସମସ୍ତ କାଗଜପତ୍ର ପଠାଇ ଦେଇଛନ୍ତି। ସମ୍ପୃକ୍ତ ସୁନା ଦୋକାନ ମାଲିକ ବ୍ରହ୍ମପୁର ଶାଖାରୁ ଜବତ ହୋଇଥିବା ସୁନା ସମ୍ପର୍କିତ ସମସ୍ତ କାଗଜପତ୍ର ଭୁବନେଶ୍ୱର ସିଟି ଆଣ୍ଡ ଜିଏସଟି ନିକଟରେ ଦାଖଲ ପରେ ସେ ତାଙ୍କର ଜବତ ସୁନା ଓ ରୁପା ଫେରି ପାଇବେ ବୋଲି ବେହେରା ସୂଚନା ଦେଇଛନ୍ତି।

## ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ଏସ୍‌ପି

**ଆସିକା,୫।୧୦(ଡି.ଏନ୍.ଏ.)**

ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ମଙ୍ଗଳବାର ଆସିକା ଗସ୍ତରେ ଆସି ପୋଲିସ ଉପଖଣ୍ଡ କାର୍ଯ୍ୟାଳୟରେ ବିଭିନ୍ନ ଥାନା ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଥିଲେ। ପୂଜା ପାର୍ବଣରେ ବିଭିନ୍ନ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବା ଲାଗି ଉପସ୍ଥିତ ଥିବା ବିଭିନ୍ନ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଏସ୍‌ପି ଆସିକା ଥାନା ପରିଦର୍ଶନ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନା ଅଧିକାରୀମାନେ ବୈଠକରେ ସାମିଲ ଥିଲେ।

# ନିଲମ୍ବନ ଆଦେଶ ପ୍ରତ୍ୟାହୃତ, ଅନଶନରୁ ଓହରିଲେ ଶିକ୍ଷକ

**ଆସିକା,୫।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ବେଣାପାଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ପାଢୀ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ସେମାନଙ୍କ କେତେକ ଦାବି ନେଇ ଗତ ଶନିବାରଠାରୁ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ସୋମବାର ସନ୍ଧ୍ୟାରେ ସେମାନଙ୍କ ଦାବି ପ୍ରତି ବିଚାର କରାଯିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହାର କରିଥିଲେ। ତେବେ ଏହାର କିଛି ସମୟ ପରେ ଶିକ୍ଷକ ମନୋରଞ୍ଜନ ପାଢୀଙ୍କୁ ବିଭିନ୍ନ ଅଭିଯୋଗରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିଲମ୍ବନ ଆଦେଶ ପ୍ରଦାନ ପରେ ସ୍ଥିତି ଅଶାନ୍ତ ହୋଇଥିଲା। ସଂପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଆଦେଶ ପ୍ରତିବାଦରେ ପୁଣି ଅନଶନରେ କରିଥିଲେ। ସେମାନଙ୍କୁ ସମର୍ଥନ ଜଣାଇ ବହୁ ଶିକ୍ଷକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ମଧ୍ୟରାତିରେ ଘଟଣାସ୍ଥଳରେ ଆସିକା ଏସଡିପିଓ ଉମାଶଙ୍କର ସିଂ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପହଞ୍ଚି ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ଶିକ୍ଷକଦ୍ୱୟ ଅନଶନରୁ ଓହରିଛନ୍ତି।

# ଯୁବକଙ୍କୁ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**ପୁରୁଷୋତ୍ତମପୁର, ୫।୧୦(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡିଘାଇ ଗ୍ରାମରେ ବିନାୟକ ପ୍ରଧାନଙ୍କୁ ଗତ ୨୦ତାରିଖ ରାତିରେ ଶୋଇଥିବା ଅବସ୍ଥାରେ ପଥର ଛେଚି ହତ୍ୟା କରାଯାଇଥିଲା। ପୋଲିସ ନଂ. ୪୪୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ମୁଖ୍ୟ ଅଭିଯୁକ୍ତ ଚିଙ୍ଗୁଡିଘାଇ ଗ୍ରାମର ବିକ୍ରମ ସାହୁ (୨୩)ଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ବିକ୍ରମଙ୍କୁ ଜେରା ବେଳେ ସେ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଅନ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ବିକ୍ରମଙ୍କ ଗଣ୍ଡଗୋଳ ହୋଇଥିବାରୁ ସେ ରକ୍ତରେ ତାଙ୍କର ନାଁ ନେକ୍ସ ଟାର୍ଗେଟ ବୋଲି ଲେଖିଥିବା କହିଛନ୍ତି।


ଖବରଦାତା ସମ୍ମିଳନୀରେ ଆଇଆଇସି ଓ ଗିରଫ ଅଭିଯୁକ୍ତ।

# ମୁକ୍ତେଶ୍ୱର ବନ୍ଧସାହିରେ ଜବରଦଖଲ ଉଚ୍ଛେଦ

**ବ୍ରହ୍ମପୁର ଅଫିସ୍,୫।୧୦**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ୧୯ ନଂ. ୱାର୍ଡ ସ୍ଥିତ ମୁକ୍ତେଶ୍ୱର ବନ୍ଧ ସାହିଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ୱାର୍ଡରେ ରହିଥିବା ଏକ ପୋଖରୀ ହୁଡାରେ ଦୀର୍ଘ ଦିନ ଧରି ବସବାସ କରୁଥିବା ପ୍ରାୟ ୫୫ ଘରକୁ ବିଏମ୍‌ସି ମଙ୍ଗଳବାର ଉଚ୍ଛେଦ କରିଛି। ଉଚ୍ଛେଦ ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ତୀବ୍ର ବିରୋଧ ଦେଖିବାକୁ ମିଳିଥିଲା। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ଉପସ୍ଥିତିରେ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ଜାରି ରହିଥିଲା।

ସୂଚନାଯୋଗ୍ୟ, ଉକ୍ତ ୱାର୍ଡର ପୋଖରୀ ହୁଡାରେ ରହିଥିବା ବାସିନ୍ଦାମାନେ ଜାଗା ଖାଲି କରିବା ପାଇଁ ଗତ ୨୯ ତାରିଖରେ ବିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସ୍ଥାନୀୟ ବାସିନ୍ଦା ଜାଗା ଖାଲି କରିବା କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବିଏମ୍‌ସି ଏନ୍‌ଜିଟି (ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ)ଙ୍କ ନିର୍ଦ୍ଦେଶ ବଳରେ ଉକ୍ତ ଅଞ୍ଚଳର ସମସ୍ତ ଘରକୁ ଉଚ୍ଛେଦ କରିଥିଲା। ପୂର୍ବରୁ ବିଏମ୍‌ସି ପକ୍ଷରୁ ଉତ୍ତରାମୁଖୀ ସାହି, ଆଙ୍କୁଲି ସ୍ଥିତ ଗୁଡିଆ ବନ୍ଧ ସାହିରେ ବିଏମ୍‌ସି ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ସ୍ଥାନୀୟ ବାସିନ୍ଦା ଥଇଥାନ ପରେ ଉଚ୍ଛେଦ ପାଇଁ ଦାବି କରିଥିଲେ। କିନ୍ତୁ ଏଠାରେ ରହିଥିବା ଅନେକ ବାସିନ୍ଦାଙ୍କୁ ନେହେରୁ ନଗରସ୍ଥିତ ରାଜୀବ ଆବାସ ଯୋଜନା ଆପାର୍ଟମେଣ୍ଟରେ ଗୃହ ପ୍ରଦାନ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ତେବେ ଅନେକ ଲୋକଙ୍କୁ ଘର ମିଳି ନ ଥିବାରୁ ଉଚ୍ଛେଦ ସମୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି ଉଚ୍ଛେଦ ସମୟରେ ବ୍ରହ୍ମପୁର ତହସିଲଦାର ସିପକ କୁମାର ପାତ୍ର, ବିଏମ୍‌ସି ଡେପୁଟି କମିଶନର ଆଶୁତୋଷ ସାମଲ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ, ବ୍ରହ୍ମପୁର ଟାଉନ୍ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ଓ ଟାଉନ୍ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ।


ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ।

